# PRESS RELEASE

## ଟୁଇନ ସିଟିର ସହରାଂଚଳର ଗରିବ ଲୋକଙ୍କ ଗରିମା ରକ୍ଷା କରୁଛି ସମ୍ମାନ ଶୌଚାଳୟ

## କଟକର ଘାସିଆସାହିରେ ପ୍ରୋଜେକ୍ଟ ସମ୍ମାନ ଅନ୍ତର୍ଗତ ପ୍ରଥମ ଅଭିନବ ଗୋଷ୍ଠୀ ଶୌଚାଳୟ ସଂଚାଳନର ଏକ ବର୍ଷ ପୂର୍ଣ୍ଣ

## ପ୍ରୋଜେକ୍ଟ ସମ୍ମାନ ଏବେ ଗରିବ ଝିଅ ବୋହୂଙ୍କର ସୁରକ୍ଷା ସହ ସୁସ୍ୱାସ୍ଥ୍ୟ ପାଇଁ ପାଲଟିଛି ବରଦାନ

**କଟକ, ମଇ ୨୯, ୨୦୧୮ :** ଏବେ ଆଉ କଟକ ଓ ଭୁବନେଶ୍ୱରର କେତେକ ବସ୍ତି ଅଂଚଳର ବାସିନ୍ଦାଙ୍କୁ ଦୈନନ୍ଦିନ ନିତ୍ୟକର୍ମ ପାଇଁ ଖୋଲା ପଡ଼ିଆ ବା ରାସ୍ତାକଡ ଖୋଜିବାକୁ ପଡୁନାହିଁ । ସେମାନଙ୍କ ପାଇଁ ଖୋଲାଯାଇଛି ପରିଷ୍କାର ପରିଚ୍ଛନ ଗୋଷ୍ଠୀ  ଶୌଚାଳୟ । ପ୍ରୋଜେକ୍ଟ ସମ୍ମାନ ଅଧିନରେ ଭୁବନେଶ୍ୱର ଓ କଟକର ସହରାଂଚଳର ଖୋଲା ଯାଇଥିବା ସମସ୍ତ ଗୋଷ୍ଠୀ ଶୌଚାଳୟ କେତେକ ଗରିବ ଲୋକଙ୍କର ମାନ ରକ୍ଷା କରିବାରେ ସହାୟକ ହେଉଛି ।

ଯଦିଓ ଆଜିର ସମୟରେ ବିଭିନ୍ନ ପ୍ରକାରର ପରିମଳ ପ୍ରକଳ୍ପ ଚାଲୁ ରହିଛି, ସମ୍ମାନର କାର୍ଯ୍ୟଶୈଳୀ ଏ ସବୁ ମଧ୍ୟରୁ ସ୍ୱତନ୍ତ୍ର । ଏହି ପ୍ରକଳ୍ପର ଲକ୍ଷ୍ୟ ଅଭିନବ ଶୈଳୀରେ ପରିକଳ୍ପନା କରାଯାଇଥିବା ସୁବିଧା ପ୍ରଦାନ କରି ମୁକ୍ତ ସ୍ଥାନରେ ମଳତ୍ୟାଗ କରିବା ହ୍ରାସ କରିବା ଏବଂ ଏହି ଶୌଚାଳୟର ଗୋଷ୍ଠୀଗତ ପରିଚାଳନା ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥା ବିକଶିତ କରିବା ଏବଂ ଏହାର ବ୍ୟବହାର ସମ୍ପର୍କିତ ତଥ୍ୟ ସଂଗ୍ରହ କରି ଆଚରଣଗତ ପରିବର୍ତନ ପ୍ରକ୍ରିୟା ବିଷୟରେ  ଅନୁଧାନ କରିବା ।

କଟକର ଘାସିଆସାହିରେ ଆଜିଠାରୁ ଏକ ବର୍ଷ ତଳେ ଏହିପରି ପ୍ରଥମ ଶୌଚାଳୟ ଖୋଲାଯାଇଥିଲା ଏବଂ ଏହାର ଆଖପାଖର ୪୦୦ ବ୍ୟବହାରକାରୀଙ୍କୁ ଉନ୍ନତ ପରିମଳ ସେବା ପ୍ରଦାନ କରିଆସୁଛି ।

''ପ୍ରୋଜେକ୍ଟ ସମ୍ମାନ ହେଉଛି ଏକ ଅଭିନବ ପରିମଳ ପ୍ରକଳ୍ପ, ଯାହାକି ଗୋଷ୍ଠୀ ଶୌଚାଳୟର କାର୍ଯ୍ୟ ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ସାହିକୁ ସାମିଲ୍ କରିଛି । ଏହି ପ୍ରକଳ୍ପ ସଫଳତାର ସହ କଟକ ସହରର ଗରିବ ଲୋକମାନଙ୍କୁ ବ୍ୟବହାର ପାଇଁ ଅନୁକୂଳ ଓ କମ୍ ଖର୍ଚ୍ଚରେ ଗୋଷ୍ଠୀଗତ ପରିମଳ ବ୍ୟବସ୍ଥା ଯୋଗାଇ ଦେଉଛି ।'' ଏ କଥା କହିଛନ୍ତି କଟକ ମ୍ୟୁନିସିପାଲ୍ ନିଗମର କମିଶନର ବିକାଶ ଚନ୍ଦ୍ର ମହାପାତ୍ର ।

ବର୍ତମାନ ଏହିପରି ୨୬ଟି ବ୍ୟବସ୍ଥା କାର୍ଯ୍ୟ କରୁଛି (କଟକରେ ୧୦ଟି ଏବଂ ଭୁବନେଶ୍ୱରରେ ୧୬ଟି) ଏବଂ ୨୬ଟି ଗୋଷ୍ଠୀର ପ୍ରାୟ ୮୦୦୦ ନାଗରିକଙ୍କୁ ସେବା ଯୋଗାଇ ଆସୁଛି । ଚାଲୁ ରହିଥିବା ଏହି ସମସ୍ତ ୨୬ଟି ବ୍ୟବସ୍ଥା ନିର୍ବାଚନ କରାଯାଇଥିବା ତିନି ଜଣ ଗୋଷ୍ଠୀ ସଦସ୍ୟଙ୍କୁ ନେଇ ଗଠିତ ପରିଚାଳନା କମିଟି ଦ୍ୱାରା ପରିଚାଳିତ ହେଉଛି, ଏହି କମିଟିକୁ କୁହାଯାଉଛି ସମ୍ମାନ ୱାର୍ଡ ସାନିଟେସନ କମିଟି (ଡବ୍ଲୁଏସସି) । ଏହି ମ୍ୟାନେଜରମାନଙ୍କୁ ଏବଂ ବଛା ଯାଇଥିବା ଯତ୍ନପ୍ରଦାନକାରୀମାନଙ୍କୁ ଏହି ବ୍ୟବସ୍ଥା ହସ୍ତାନ୍ତର କରିବା ସହିତ ଏହାର ସୁପରିଚାଳନା ପାଇଁ ସମ୍ପୂର୍ଣ୍ଣ ତାଲିମ ଦିଆଯାଉଛି । ଏହି ଡବ୍ଲୁଏସସି ମଧ ଯଥାର୍ଥ ମ୍ୟୁନିସିପାଲିଟି ନିଗମ ସହିତ ରାଜିନାମାପତ୍ର ସ୍ୱାକ୍ଷର କରି ବିଧିବଦ୍ଧ ଭାବରେ ଏହି ବ୍ୟବସ୍ଥାର ଦାୟିତ୍ୱ ଗ୍ରହଣ କରୁଛନ୍ତି ।

ଯଦିଓ, ବ୍ୟକ୍ତିଗତ ଶୌଚାଳୟଗୁଡିକର ନିର୍ମାଣ ଉପରେ ମୁଖ୍ୟ ନଜର ରହିଛି, ତଥାପି ଗୋଷ୍ଠୀଗତ ଶୌଚାଳୟଗୁଡିକ ସହରୀ ପରିମଳ ରଣନୀତିର ଏକ ଆବଶ୍ୟକ ଦୃଷ୍ଟିକୋଣ । ମୁଖ୍ୟତଃ କଟକ ଭଳି ସହରରେ, ବ୍ୟକ୍ତିଗତ ଶୌଚାଳୟ ପାଇଁ ଜାଗାର ଅଭାବ ଓ ନିର୍ମାଣ ପାଇଁ ପରିବାରର ଆର୍ଥିକ

ଅଭାବ ଏକ ବାଧକ ହୋଇପାରେ । ଏହି ଅସୁବିଧାକୁ ଦୃଷ୍ଟିରେ ରଖି, ପ୍ରୋଜେକ୍ଟ ସମ୍ମାନର ଆନ୍ତରିକ ଉଦ୍ୟମ ଭୁବନେଶ୍ୱର ଓ କଟକ ସହରର ଗରିବ ଲୋକମାନଙ୍କୁ ଉଚ୍ଚ ମାନର ପରିମଳ ବ୍ୟବସ୍ଥା ଯୋଗାଇ ଦେଇ ସେମାନଙ୍କର ସମ୍ମାନ ରକ୍ଷା କରିବା ।

‘‘ଗତ କିଛି ବର୍ଷ ମଧ୍ୟରେ ଆମ୍ଭେମାନେ ଗୋଷ୍ଠୀ ଶୌଚାଳୟ କେତେ ଦୂର ଲୋକଙ୍କ ଭିତରେ ଗ୍ରହଣୀୟ ହେବ ସେ ବିଷୟରେ ବହୁ ମୂଲ୍ୟବାନ ତଥ୍ୟ ଲାଭ କରିଛୁ ଏବଂ କେଉଁ କେଉଁ ବିଷୟ ଉପଭୋକ୍ତାମାନଙ୍କର ଆଚରଣରେ ପରିବର୍ତ୍ତନ ଆଣିପାରିବ ସେ ବିଷୟରେ ମଧ୍ୟ ଜ୍ଞାନଲାଭ କରିଛୁ । ଆମର ଆଶା ଏହି ତଥ୍ୟ ଆମ୍ଭମାନଙ୍କୁ ଗୋଷ୍ଠୀ ମଧ୍ୟରେ ମୁକ୍ତ ସ୍ଥାନରେ ମଳତ୍ୟାଗ ସମସ୍ୟାର ମୁକାବିଲା କରିବା ପାଇଁ ସାହାଯ୍ୟ କରିବ ଏବଂ ଏହା ମଧ୍ୟ ଓଡ଼ିଶା ବ୍ୟାପି ଓ ଭାରତର ଅନ୍ୟାନ୍ୟ ସହରାଂଚଳରେ ପରିମଳ କୌଶଳ ନିର୍ଦ୍ଧାରଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ।’’ ଏ କଥା କହିଛନ୍ତି ସମ୍ମାନର ପ୍ରୋଜେକ୍ଟ ମ୍ୟାନେଜର ରଶ୍ମୀ ଭଞ୍ଜ ।

ପ୍ରୋଜେକ୍ଟ ସମ୍ମାନ, ଆଂଶିକ ଭାବରେ ବିଲ୍ ଏବଂ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ (ବିଏମଜିଏଫ)ଠାରୁ ଆର୍ଥିକ ସହାୟତା ଲାଭ କରିଛି, ଏହାର ଲକ୍ଷ୍ୟ ଭୁବନେଶ୍ୱରରେ ମୋଟ୍ ୨୬ଟି ଓ କଟକରେ ମୋଟ ୩୨ଟି ଗୋଷ୍ଠୀ ଶୌଚାଳୟ ପ୍ରତିଷ୍ଠା କରିବା । ଏହି ପ୍ରୟାସର ମୁଖ୍ୟ ଅଂଶିଦାରବୃନ୍ଦ ହେଉଛନ୍ତି ଅବଦୁଲ୍ ଲତିଫ୍ ଜମିଲ୍ ପଭର୍ଟି ଆକ୍ସନ ଲ୍ୟାବ୍, ସେଂଟର ଫର୍ ଆଡ୍‌ଭୋକେସି ଆଣ୍ଡ୍ ରିସର୍ଚ୍ଚ ଏବଂ ତରୁ ଲିଡିଂ ଏଜ୍ ପ୍ରାଇଭେଟ୍ ଲିମିଟେଡ । ଏହି ବହୁ ଆକାଂକ୍ଷିତ ପାଇଲଟ୍ ପ୍ରକଳ୍ପ ଭୁବନେଶ୍ୱର ଓ କଟକ ପରି ଦୁଇଟି ଉନ୍ନତ ଚିନ୍ତାଧାରା ରଖୁଥିବା ମ୍ୟୁନିସିପାଲିଟି ନିଗମ ଯୋଗୁଁ ସମ୍ଭବ ହୋଇପାରିଛି ଏବଂ ଏହା ଏହି ଦୁଇଟି ସହରର ଗରିବ ଲୋକଙ୍କର ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବାରେ ସହାୟକ ହେଉଛି ।

---

**Media Contact:**

Debasmita Mohanty, debasmita.mohanty@ifmr.ac.in, +91-9861601142